ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ଏପ୍ରିଲ ୧୯/୨୦୨୧ (୧୨ ପୃଷ୍ଠା) Bhubaneswar, Monday, April 19/2021 ★★★★★★

# ବିଜିୟୁ ପକ୍ଷରୁ ରିସର୍ଚ୍ଚ ସ୍କଲାର୍ସ ସପ୍ତାହ

**ଭୁବନେଶ୍ୱର,୧୮।୪:** ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି(ବିଜିୟୁ) ଭୁବନେଶ୍ୱର ପକ୍ଷରୁ ୫ ଦିନିଆ ରିସର୍ଚ୍ଚ ସ୍କଲାର୍ସ ସପ୍ତାହ ଭର୍ଚୁଆଲରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ୭୦ରୁ ଊର୍ଦ୍ଧ୍ୱ ରିସର୍ଚ୍ଚ ସ୍କଲାର୍ସ ଯୋଗ ଦେଇଥିଲେ। ଭାରତର ଆଇଆଇଟି, ଏନ୍ଆଇଟି, ଏଆଇଏମ୍, ସେଣ୍ଟ୍ରାଲ ୟୁନିଭର୍ସିଟିଜ୍, ଷ୍ଟେଟ୍ ୟୁନିଭର୍ସିଟି ଏବଂ ଅନ୍ୟ ଖ୍ୟାତିସମ୍ପନ୍ନ ଅନୁଷ୍ଠାନର ରିସର୍ଚ୍ଚ ସ୍କଲାର୍ସ ଏଥିରେ ଅଂଶଗ୍ରହଣ କରିଥିଲେ। ବାଂଲାଦେଶ, ତାଞ୍ଜାନିଆ ପରି ଦେଶର ରିସର୍ଚ୍ଚ ସ୍କଲାର ମଧ୍ୟ ଏଥିରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ବିଜିୟୁ କୁଳପତି ଡ. ପି.ପି. ମାଥୁର ଉଦ୍‌ଘାଟନ କରିଥିଲେ। ଗୁଣାତ୍ମକ ପ୍ରକାଶନ ଏବଂ ଅନ୍ତର୍ନିହିତ ବିକାଶର ଗୁରୁତ୍ୱ ଉପରେ ସେ ଏଥିରେ ମତ ରଖିଥିଲେ। ରିସର୍ଚ୍ଚ ସମସ୍ୟା, ରିସର୍ଚ୍ଚ ଡିଜାଇନ୍, ସାହିତ୍ୟ ସମୀକ୍ଷା, ଲାଟେକ୍ସ ବ୍ୟବହାର କରି ବୈଜ୍ଞାନିକ ଲେଖା, ଲେଖାର ଧାରା ଏବଂ ଗୁଣାତ୍ମକ ଜର୍ନାଲରେ ପ୍ରକାଶନ ଉପରେ ଆଲୋଚନା କରିଥିଲେ। ନ୍ୟୁଜଲାଣ୍ଡ ଅକ୍‌ଲାଣ୍ଡ ୟୁନିଭର୍ସିଟି ପ୍ରଫେସର ନୋଏମି ସିଙ୍କୋଭିକ୍ସ ଏବଂ ଓପନ ୟୁନିଭର୍ସିଟି ମୁଖ୍ୟ ସମ୍ପାଦକ ପ୍ରଫେସର ଜନ୍ ହଲଙ୍କ ନିଜର ବାର୍ତ୍ତା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ବିଜିୟୁର ସେଣ୍ଟର ଫର ରିସର୍ଚ୍ଚ ପକ୍ଷରୁ ଆୟୋଜନ କରାଯାଇଥିଲା। ସିଏଫ୍ଆର୍‌ର ମୁଖ୍ୟ ଏବଂ ସଂଯୋଜକ ଡ. ଅନୁଭା ରାୟ, ଡ. ପ୍ରଦୀପ କୁଣ୍ଡୁ, ଏବଂ ଡ. ସନ୍ଦୀପ କୁମାର ମହାନ୍ତି ପ୍ରମୁଖ ଅଂଶଗ୍ରହଣ କରିଥିଲେ।